# Akashvani, Sambalpur

## SAMBALPURI NEWS BULLETIN

### 22 October 2025 – 6.47- 6.52 am.

*******************************************

ମନ୍ କି ବାତ୍        ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଉପ ନିର୍ବାଚନ୍‌ର ସୂଚୀ ଘୋଷ୍‌ନା        I&PR

ଭାରତ୍ ନିର୍ବାଚନ୍ ଆୟୋଗ୍ -ବିହାର୍ ବିଧାନ୍‌ସଭା ସାଧାରଣ୍ ନିର୍ବାଚନ୍ ଆଉ ୮ ଟା ବିଧାନ୍‌ସଭା ମଣ୍ଡଲୀର୍ ଉପ ନିର୍ବାଚନ୍‌ର ସୂଚୀ ଘୋଷ୍‌ନା କରିଛନ୍ । ଆୟୋଗ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ସର୍‌କାର୍ ମାନ୍‌କୁ ଆଦର୍ଶ ଆଚରଣ୍ ବିଧିକେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ନାଗରିକ୍ ଆଉ ରାଜନୈତିକ୍ ଦଲ୍‌ମାନେ ସି -ଭିଜିଲ୍ ଆପ୍ ଜରିଏ ଆଦର୍ଶ ଆଚରଣ୍ ବିଧି ଉଲ୍ଲଂଘନ୍ ବାବଦ୍ ଅଭିଯୋଗ୍ ଦାଖଲ୍ କରିପାର୍‌ବେ । ଅଭିଯୋଗ୍ ନିରୀକ୍ଷଣ୍ ଲାଗି ଖାସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛେ । ଇତାର୍ ଅନ୍‌ସାରେ ୧୯୫୦ ନମ୍ବର୍‌କେ ସ୍ୱତନ୍ତ୍ର କଲ୍ ସେବା ଚାଲୁ ରହିଛେ । ଇ ବ୍ୟବସ୍ଥା ଅଠିପହର୍ ଚାଲୁଛେ ।

ନୂଆପଡ଼ା ଉପନିର୍ବାଚନ୍ I&PR

ଆଏବା ନଭେମ୍ବର୍ ୧୧ ତାରିଖ୍ ନୂଆପଡ଼ା ବିଧାନ୍‌ସଭା ମଣ୍ଡଲୀ ନ ହେବାର୍‌କେ ଥିବା ଉପନିର୍ବାଚନ୍‌କେ ନଜର୍‌ଥି ରଖିକରି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଗଲାକାଏଲ୍ ପୁଲିସ୍ ମୁଖ୍ୟାଳୟ ନ ପୁଲିସ୍ ସୁରକ୍ଷା ବ୍ୟବସ୍ଥାର୍ ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ । ଗୁଟେ ଅବାଧ, ସ୍ୱଚ୍ଛ, ମୁକ୍ତ ଆଉ ନିରପେକ୍ଷ ଉପ ନିର୍ବାଚନ୍ ପରିଚାଲନା ଉପ୍‌ରେ ଶ୍ରୀ ଖୁରାନିଆ ଜୋର୍ ଦେଇଛନ୍ । ନିର୍ବାଚନ୍ ଆଚରଣ୍ ବିଧିର

କଡ଼ାକଡ଼ି ପାଲନ୍ ଆର୍ ଭିଆଇପି, ଭିଭିଆଇପିଙ୍କର୍ ଗସ୍ତ ବାବଦ୍ ସୁରକ୍ଷା ବ୍ୟବସ୍ତା ଲାଗି ଭାରତ୍‌ର ନିର୍ବାଚନ୍ ଆୟୋଗ୍‌ର ନିର୍ଦ୍ଦେଶାବଳୀକେ ମାନ୍‌ବାର୍‌କେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ନୂଆପଡ଼ା ଜିଲ୍ଲାକେ ରାଜ୍ୟ ପୁଲିସ୍ ସଦର୍ ମହକୁମା ତର୍‌ଫୁ ସବୁ ପ୍ରକାରର୍ ସାହାଜ୍ ଯୁଗେଇ ଦିଆଯିବା ବଲି ଡିଜିପି କହିଛନ୍ ।

ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ଯାତ୍ରୀମାନ୍‌କର୍ ସୁରକ୍ଷା, ଆରାମ୍ ଆଉ ସୁବିଧାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ପୂର୍ବତଟ ରେଲ୍‌ପଥ୍‌ର ସମ୍ବଲ୍‌ପୁର୍ ମଣ୍ଡଲ୍ ତର୍‌ଫୁ ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍ ନ ଭିଡ୍ ପରିଚାଲନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛେ । ଯାତ୍ରୀମାନ୍‌କର୍ ଯା’ଆସ୍ ନିୟନ୍ତ୍ରଣ୍ କର୍‌ବାର୍ ଆଉ ଅଏତ୍‌କା ଭିଡ୍‌କେ ରୁକ୍‌ବାର୍ ଲାଗି ପ୍ରବେଶ୍ ଆଉ ପ୍ରସ୍ଥାନ୍ ଦ୍ୱାର, ବୁକିଂ କାଉଂଟର୍, ପ୍ଲାଟ୍‌ଫର୍ମ ଆଉ ଫୁଟ୍ ଓଭର୍‌ବ୍ରିଜ୍ ନ ଅତିରିକ୍ତ ରେଳ ସୁରକ୍ଷା ବଳ କର୍ମଚାରୀ ଆଉ ବାଣିଜ୍ୟିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛେ । ଇତାର୍‌ସହେତେ ସୁରକ୍ଷାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଟିକେଟ୍ କାଉଂଟର୍ ଆଉ ସୁରକ୍ଷା ଚେକ୍‌ପୋଷ୍ଟ ମାନ୍‌କେ ଧାଡ଼ି ବ୍ୟବସ୍ଥା ଭିଲ୍ ମୁଲ୍ କରାଯାଇଛେ ।

କମ୍ପ୍ରେସ୍‌ଡ୍ ବାୟୋଗେସ୍ ପ୍ଲାଂଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଖୋବ୍ ଜଲ୍‌ଦି କମ୍ପ୍ରେସ୍‌ଡ୍ ବାୟୋଗେସ୍ ପ୍ଲାଂଟ୍ ପ୍ରକଳ୍ପ ମୁଲ୍ ହେବାର୍‌କେ ଯାଉଛେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମୀକ୍ଷା କର୍‌ବାର୍ ଉତ୍‌ରୁ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଇତାକେ ତୁର୍‌ତି କରାଯାଇଛେ । ଇମାସର୍ ଶେଷ୍‌ତକ୍ ମହାନଗର୍ ନିଗମ୍‌କେ କମ୍ପାନୀ ଡିପିଆର୍ ହସ୍ତାନ୍ତର୍ କର୍‌ବା । ସେଆଡ଼େ ଜମି ଅଧିଗ୍ରହଣ୍ ଲାଗି କାମ୍ ଜୋର୍‌ସୋର୍ ଚାଲିଛେ । ଇ ପ୍ରକଳ୍ପ ଆଏବା ୨ ବଛ୍‌ରେ କାର୍ଯ୍ୟକ୍ଷମ୍ କରାଯିବା ବଲି ଏସ୍‌ଏମ୍‌ସି ତର୍‌ଫୁ କୁହାଯାଇଛେ । ସହର୍‌ନୁ ଠୋଲ ହଉଥିବା ଉଦା କଚ୍‌ରା ନୁ ଇ ପ୍ଲାଂଟ୍ ନ ମିଥେନ୍ ଗେସ୍ ତିଆର୍ ହେବା । ଇତାର୍ ସହେତେ ନାଇଟ୍ରୋଜେନ୍ ଗେସ୍ ଭିଲ୍ ମିଲିପାର୍‌ବା । ଇସବୁ ରନ୍ଧା ଆଉ ଗାଡ଼ିର୍ ଇନ୍ଧନ୍ ଭାବେ ବେଭାର୍ ହେଇପାର୍‌ବା ।

ଗିରି ଗୋବର୍ଦ୍ଧନ୍ ପୂଜା        ଆର୍‌ଏନ୍‌ୟୁ/ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଗିରି ଗୋବର୍ଦ୍ଧନ୍ ପୂଜା କରାଯାଉଛେ । ସମ୍ବଲ୍‌ପୁର୍ ଜିଲ୍ଲାର୍ ଗାଁନୁ ସହର୍‌ତକ୍ ଭିନ୍ ଭିନ୍ ଜାଗା ନ ଶ୍ରୀ ଶ୍ରୀ ଗିରିଗୋବର୍ଦ୍ଧନ୍‌ଙ୍କର୍ ପୂଜା କରାଯାଉଛେ । ଇ ଉଲ୍‌ଗୁନେ ମନ୍ଦିର୍

ଆର୍ ମଠ ମାନ୍‌କେ ଅନ୍ନକୋଟ ସହେତେ ଗିରିଗୋବର୍ଦ୍ଧନ୍‌ଙ୍କର୍ ପୂଜା କରାଯିବା । ଜିଲ୍ଲାର୍ ମାନେଶ୍ୱର୍ ବ୍ଲକ୍‌ର ସାହାସ୍‌ପୁର୍, ଯୁଯୁମୁରା ବ୍ଲକ୍ ଭବାନୀପାଲି ବାଗିର୍ ଜାଗାର ସାର୍ବଜନୀନ ମଣ୍ଡପ୍ ମାନ୍‌କେ ମାହାପୁରୁଙ୍କର୍ ପୂଜା ମୁଲ୍ ହେଇଛେ ।

ଆସ ସ୍କୁଲ୍ ଯିବା-ଝାର୍‌ସୁଗୁଡ଼ା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ନ 'ଆସ ସ୍କୁଲ୍ ଯିବା' ଅଭିଯାନ୍ ମୁଲ୍ ହେଇଛେ । ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଅଭିଯାନ୍‌ର ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ଜିଲ୍ଲା ନୁ ଡ୍ରାପ୍‌ଆଉଟ୍‌କେ ପୁରାପୁରି ଭାବେ ବନ୍ଦ୍ କର୍‌ବାର୍ ଲାଗି ଶ୍ରୀ ତ୍ରିପାଠୀ ଆହ୍ୱାନ୍ ଦେଇଥିଲେ । ଇତାର୍‌ସହେତେ ଶିକ୍ଷା କ୍ଷେତ୍ରଥି ଝାର୍‌ସୁଗୁଡ଼ା ଜିଲ୍ଲାକେ ଗୁଟେ ଆଗୁଆ ଜିଲ୍ଲା କର୍‌ବାର୍ ଲାଗି ବିଭାଗୀ ଅଧିକାରୀ, ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ଯତ୍ନବାନ୍ ନେବାର୍‌କେ ପରାମର୍ଶ ଦେଇଥିଲେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଗଲାକାଏଲ୍ ନୁ ଲଘୁଚାପ୍

କ୍ଷେତ୍ର  ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ସାଙ୍ଗେ ମେଘୁଆ ପାଗ୍ ଲାଗି ରହିଛେ । ଲଘୁଚାପ୍ କ୍ଷେତ୍ର ଆହୁରି ଘନୀଭୂତ ହେଇକରି ଆଏବା ୨୪ ଘଂଟାରେ ଅବପାତ ହେଇପାରେ ବଲି ଭାରତୀୟ ପାଣିପାଗ ବିଭାଗ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ନୁ ୨୬ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ମଧ୍ୟମ୍ ନୁ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ଆମେରିକାର୍ ଗୁଟେ ଘରୋଇ ପାଣିପାଗ ସଂସ୍ଥାର୍ ଆକଲନ୍ ଅନ୍‌ସାରେ ଇ ମାସ ୨୬ ନୁ ୨୯ ତାରିଖ୍ ବେଲ୍‌କେ ବଙ୍ଗୋପ୍‌ସାଗର୍ ନ ଫେର୍ ୨ ଟା ଲଘୁଚାପ୍ କ୍ଷେତ୍ର ବନିପାରେ । ଇତାର୍ ପ୍ରଭାବ୍‌ଥି ଇ ମାସର୍ ଶେଷ୍‌ବେଲ୍‌ତକ୍ ଦକ୍ଷିଣ୍ ଓଡ଼ିଶା ସହେତେ ରାଜ୍ୟର୍ କେତେଟା ଜାଗା ନ ଜବର୍ ବର୍ଷାର୍ ସମ୍ଭାବନା ରହିଛେ । ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଏବ୍‌ତକ୍ କିଛି ସୂଚ୍‌ନା ନାଇଁ ଦିଆଯାଇ ।